# ତହସିଲଦାରଙ୍କ କାର୍ଯ୍ୟାଳୟ, ଔପଦା

## ବିଜ୍ଞପ୍ତି ସଂଖ୍ୟା. ୩୪୨ ତା. ୨୨.୦୨.୨୩

## ଲଘୁ ଖଣିଜ (ମାଟି) ଲିଜ୍ ନିମନ୍ତେ ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଔପଦା ତହସିଲ ଅନ୍ତର୍ଗତ ବଡପୋଖରୀ ରାଜସ୍ୱ ନିରିକ୍ଷକଙ୍କ ଅଂଚଳରେ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ମାର୍କୋଣା କେନାଲ ଡିଭିଜନଙ୍କ ଦ୍ୱାରା କେନାଲ ନିର୍ମାଣ ସମୟରେ ୩୦୫୭୧୪ Cum ମାଟି ଖୋଳି ଗଛିତ ରଖାଯାଇଅଛି । ଉକ୍ତ ଗଛିତ ମାଟିର ନିଲାମ ଆସନ୍ତା ତା ୦୯.୦୩.୨୦୨୩ ଦିବା ଘ ୧୧.୩୦ମି ପ୍ରକାଶ୍ୟଭାବେ ଔପଦା ତସହିଲ କାର୍ଯ୍ୟାଳୟରେ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିଲାମ କରାଯିବ । ଉକ୍ତ ମାଟିକୁ ନେବାପାଇଁ ଇଛୁକ ବ୍ୟକ୍ତି ବିଶେଷ ବା ସଂସ୍ଥା, ନିର୍ଦ୍ଧାରିତା ତାରିଖ ଓ ସମୟରେ ଉପସ୍ଥିତ ରହି ନିଲାମ ରେ ଅଂଶ ଗ୍ରହଣ କରିବେ । ନିର୍ଦ୍ଧାରିତ ମୂଲ୍ୟର ୧୦% ଅର୍ଥ ଅମାନତ ଆକାରରେ ତହସିଲଦାର ଔପଦାଙ୍କ ସପକ୍ଷରେ ଦରଖାସ୍ତ ସହ ଜମା ଦେଇ ନିଲାମରେ ଅଂଶ ଗ୍ରହଣ କରିପାରିବେ । ଯାହାକି ନିମ୍ନ ସାରଣୀ ରେ ବର୍ଣିତ ହୋଇଅଛି । ନିଲାମ ସାବ୍ୟସ୍ତ ଯାହାଙ୍କ ସପକ୍ଷରେ ଯିବ ସେହି ବ୍ୟକ୍ତି ସମସ୍ତ ରାଶି ଏକକାଳିନ ଦାଖଲ କରିବାକୁ ବାଧ୍ୟ ହେବେ । ଉପରୋକ୍ତ ତାରିଖ ରେ ଯଦି କୌଣସି ବ୍ୟକ୍ତି ନିଲାମରେ ଅଂଶ ଗ୍ରହଣ କଲେନାହିଁ ତେବେ ଏହା ଦ୍ୱିତୀୟ ଥର ପାଇଁ ତା. ୧୬.୦୩.୨୦୨୩ ରିଖ ୧୧.୩୦ମିନିଟରେ ନିଲାମ କରାଯିବ । ସେହିପରି ତୃତୀୟ ଥରପାଇଁ ତା.୨୩.୦୩.୨୦୨୩ ରିଖ ଅପରାହ୍ନ ୧୧.୩୦ ଘଟିକା ନିଲାମ କରାଯିବ । ଉକ୍ତ ନର୍ଦ୍ଧାରିତ ତାରିଖ ପରେ ପ୍ରାପ୍ତ ଦରଖାସ୍ତ ଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ । କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବା, ପରିବର୍ତନ କରିବା, ତୃଟି ସଂଶୋଧନ କରିବା କିମ୍ବା କୌଣସି ଦରଖାସ୍ତକୁ ଖାରଜ କରିବାର କ୍ଷମତା ନିମ୍ନ ସାକ୍ଷରକାରୀଙ୍କର ରହିଅଛି । ନିଲାମ ସମ୍ପର୍କୀୟ ସବିଶେଷ ବିବରଣୀ ବାଲେଶ୍ୱର ଜିଲ୍ଲାପାଳଙ୍କ website:- www.baleswar.nic.in କିମ୍ବା ଔପଦା ତହସିଲ କାର୍ଯାଳୟରେ ଉପଲବ୍ଧ ହେବ ।

ସାରଣୀ (Table)

| Royalty | Addl. Charges | Total Royalty | Quantity of Soil | EMD (Rs) |
|---|---|---|---|---|
| Rs.35/- | Rs.35/- | Rs.70/- | 305714 | 21,39,998/- |

22/2/23
ତହସିଲଦାର, ଔପଦା

ଜ୍ଞାପକ ସଂଖ୍ୟା ୩୪୩ ତାରିଖ ୨୨.୦୨.୨୩

ଏହାର ଏକକିତା ନକଲ ଔପଦା ତହସିଲ ଅଧିନସ୍ଥ ସମସ୍ତ ଗ୍ରାମ ପଂଚାୟତ କାର୍ଯ୍ୟାଳୟ/ରାଜସ୍ୱ ନିରିକ୍ଷକ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ।

22/2/23
ତହସିଲଦାର, ଔପଦା

ଜ୍ଞାପକ ସଂଖ୍ୟା ୩୪୪ ତାରିଖ ୨୨.୦୨.୨୩

ଏହାର ଏକକିତା ନକଲ ବାଲେଶ୍ୱର ଜିଲ୍ଲା ଅଧିନସ୍ଥ ସମସ୍ତ ତହସିଲଦାର/ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କ ଅବଗତି ଓ ବ୍ୟାପକ ପ୍ରସାର ନିମନ୍ତେ ଜଣାଇ ଦିଆଗଲା ।

22/2/23
ତହସିଲଦାର, ଔପଦା

ଜ୍ଞାପକ ସଂଖ୍ୟା ୩୪୫ ତାରିଖ ୨୨.୦୨.୨୩

ଏହାର ଏକକିତା ନକଲ ଉପ ଜିଲ୍ଲାପାଳ ନୀଳଗିରୀ/ ବାଲେଶ୍ୱର ଏବଂ ଅତିରିକ୍ତ ଜିଲ୍ଲାପାଳଙ୍କ ସଦୟ ଅବଗତି ନିମନ୍ତେ ଜଣାଇ ଦିଆଗଲା ।

22/2/23
ତହସିଲଦାର, ଔପଦା